ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR (OD)/CS-GA-1344-24/02/21**



## ରାଜ୍ୟ ସମବାୟ ବ୍ୟାଙ୍କ୍ ଅବସରପ୍ରାପ୍ତ କର୍ମଚାରୀ ସଂଘଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ

ଭୁବନେଶ୍ୱର, ୨୪/୨/୨୧

ରାଜ୍ୟ ସମବାୟ ବ୍ୟାଙ୍କ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟମାନେ ନିଜ ନିଜ ପେନ୍ସନ୍ରୁ ଅର୍ଥ ସଂଗ୍ରହ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ ଲକ୍ଷ ଟଙ୍କା ଦାନ କରିଛନ୍ତି । ଆଜି ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସଂଘର ସଭାପତି ନିରଞ୍ଜନ ମିଶ୍ର, ସଂପାଦକ ତାରାଚାନ୍ଦ ମହାନ୍ତି ଏବଂ କୋଷାଧ୍ୟକ୍ଷ ଅଜିତ୍ ବିଶ୍ୱାଳ ଏହି ରାଶିର ଚେକ୍ ପ୍ରଦାନ କରିଥିଲେ । ଏହି ଅବସରରେ ସଭାପତି ଶ୍ରୀ ମିଶ୍ର କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା କୋଭିଡ୍ ଲଢ଼େଇରେ ଆନ୍ତର୍ଜାତିକ ମାନ୍ୟତା ହାସଲ କରିଛି । ଏହି ଲଢ଼େଇରେ ଯୋଗଦାନ ସ୍ୱରୂପ ଆମେ ଏହି

କ୍ଷୁଦ୍ର ରାଶି  ପ୍ରଦାନ କରୁଛନ୍ତି । ଏହି ଦାନ ପାଇଁ ମୁଖ୍ୟ ଶାସନ ସଚିବ  ଶ୍ରୀ ମହାପାତ୍ର ସେମାନଙ୍କୁ ସାଧୁବାଦ ଜଣାଇବା ସହ  ନିଜ ନିଜ ସ୍ତରରେ ସାମାଜିକ ଦୂରତା  ଏବଂ ମାସ୍କ  ପରିଧାନ ବିଷୟରେ ସଚେତନତା ବାର୍ତ୍ତା  ପ୍ରଚାର  ଜାରି ରଖିବାକୁ  ଅନୁରୋଧ କରିଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ